# ଜାତୀୟ ପତାକା

● ଗୋଦାବରୀଶ ମିଶ୍ର

## କବି ପରିଚୟ :

ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬-୧୯୫୬) ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଆଧୁନିକ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଏକାଧାରରେ ଜଣେ କବି, ଶିକ୍ଷାବିତ୍ ଓ ଦେଶସେବକ ଥିଲେ । ଏହା ବ୍ୟତୀତ ସେ ଥିଲେ ଜଣେ ନାଟ୍ୟକାର, ଔପନ୍ୟାସିକ ଓ ଅନୁବାଦକ । ପଣ୍ଡିତ ଗୋପବନ୍ଧୁଙ୍କର ସେ ଥିଲେ ଜଣେ ସହକର୍ମୀ ତଥା ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ । ତାଙ୍କର ରଚନା ମଧ୍ୟରେ 'ଆଲେଖିକା', 'କିଶଳୟ' ଓ 'ଗୀତାୟନ' ଆଦି କାବ୍ୟଗ୍ରନ୍ଥ; 'ମୁକୁନ୍ଦଦେବ ଓ ପୁରୁଷୋତ୍ତମଦେବ' ନାଟକ : '୧୮୧୭', 'ଅଭାଗିନୀ' ଆଦି ଉପନ୍ୟାସ ଲୋକପ୍ରିୟ । ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ପିଲାମାନଙ୍କ ପାଇଁ 'ପିଲାଙ୍କ କାହିଁକି', 'ରାମାୟଣ କଥା', 'ମହାଭାରତ କଥା', 'ଦକ୍ଷିଣ ଆଫ୍ରିକା', 'ଗ୍ରେଟ୍‌ବ୍ରିଟେନ୍' ଓ 'ମଧ୍ୟ ଆମେରିକା' ପ୍ରଭୃତି ପୁସ୍ତକ ସେ ରଚନା କରିଛନ୍ତି ।

ଜାତୀୟ ପତାକା ପ୍ରତି ସମ୍ମାନ, ସ୍ୱଦେଶପ୍ରେମ ଓ କବିଙ୍କର ସୌନ୍ଦର୍ଯ୍ୟ ଚେତନା ଏହି କବିତାରେ ପ୍ରତିଫଳିତ ।

---

ଏହି ଯେ ଆମର ଜାତୀୟ ପତାକା,
ଉଡ଼େ ଫରଫର ପବନ ସୁଏ;
ଜାତିର ଏ ଅଟେ ଅମୂଲ୍ୟ ସମ୍ପଦ,
କନା ଛେକା ଖଣ୍ଡେ କେବଳ ନୁହେ ।
ଏ ପତାକା ତଳେ ତିରିଶ ବରଷ,
ହୋଇଛନ୍ତି ଜାତି ସଇନେ ରୁଣ୍ଡ;
ଜାତୀୟ ସମରେ ଶତ ଶତ ବୀର,
ଲଢ଼ି ତ ହରାଇ ଅଛନ୍ତି ମୁଣ୍ଡ ।

ତହୁଁ ସ୍ୱାଧୀନତା ଆସିଛି ରାଇଜେ,
ଯାଇଛନ୍ତି ଚାଲି ବିଦେଶୀ ରଜା;
ଛାର କନା ଖଣ୍ଡେ ନ ମଣ ଏହାକୁ,
ଏ ତ ଆମ ପ୍ରିୟ ଜାତୀୟ ଧ୍ୱଜା ।
ସ୍ଥଳେ ଉଡ଼ାଇଲେ ପଦାତିକ ସେନା,
ଉଡ଼ିବ ସାଗରେ ସମର-ପୋତେ;
ବ୍ୟୋମେ ଯୁଦ୍ଧ-ବ୍ୟୋମଯାନେ ଏ ଶୋଭିବ,
ବାଟ କାଟିଯିବ ସମୀର ସ୍ରୋତେ ।
ରଖିବ ଏ ଆମ ମାନ ଏ ସଂସାରେ,
ବଢ଼ାଇବ ଆମ ଜାତିର ଟେକ;
କରିବ ନିକର ଦେଖୁ ଦେଶେ ଯାହା,
କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।
ତେଣୁ ଏ ଯେ ଆମ ଜାତିର ଦେବତା,
ଜୁହାରିବା ଆଜି ଚାଲରେ ସର୍ବେ;
ଯେତେ ଫରଫର ଉଡ଼ିବ ଏ ସତେ,
ହୃଦୟ ଆମର ନାଚିବ ଗର୍ବେ ।

**ସୂଚନା :**

ଧ୍ୱଜା - ପତାକା
ନିକର - ନିଶ୍ଚୟ
ବୈରଖ - ପତାକା

## ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତରମୂଳକ :**

୧. ଜାତୀୟ ପତାକା ପବନ ସ୍ରୋତରେ କିପରି ଉଡ଼େ ?
୨. ଏପରି ବର୍ଣ୍ଣନାରୁ କବିଙ୍କର କି ପ୍ରକାର ଭାବ ସୂଚିତ ହେଉଛି ?
୩. ଜାତୀୟ ପତାକା ଜାତିର ଅମୂଲ୍ୟ ସଂପଦ କିପରି ?
୪. ଆମେ ସ୍ୱାଧୀନତା ହାସଲ କରିଛୁ କିପରି ?

୫. କେଉଁ କେଉଁ ସ୍ଥାନରେ ଜାତୀୟ ପତାକା ଉଡ଼ିଥାଏ ?

୬. 'ବାଟ କାଟିଯିବ ସମୀର ସ୍ରୋତେ' - ଏହା କୁହାଯିବାର କାରଣ କ'ଣ ?

୭. ଜାତୀୟ ପତାକା ଆମ ଜାତିର ଟେକ ରଖିବ କିପରି ?

୮. ଜାତୀୟ ପତାକାକୁ ପ୍ରଣାମ କରିବାପାଇଁ କବି କାହିଁକି କହିଛନ୍ତି ?

୯. ଜାତୀୟ ପତାକା ଯେତେ ଫରଫର ଉଡ଼ିବ ଆମର ହୃଦୟ ନାଚିଉଠିବ ବୋଲି କହିବାର କାରଣ କ'ଣ ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୧୦. ଛାର କନା ଖଣ୍ଡେ ନ ମଣ ଏହାକୁ,
ଏ ତ ଆମ ପ୍ରିୟ ଜାତୀୟ ଧ୍ୱଜା ।

୧୧. ରଖିବ ଏ ଆମ ମାନ ଏ ସଂସାରେ,
ବଢ଼ାଇବ ଆମ ଜାତିର ଟେକ;
କରିବ ନିକର ଦେଶୁ ଦେଶେ ଯାହା,
କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।

୧୨. ଯେତେ ଫରଫର ଉଡ଼ିବ ଏ ସତେ,
ହୃଦୟ ଆମର ନାଚିବ ଗର୍ବେ ।

## ଦୀର୍ଘ ଉତ୍ତରମୂଳକ :

୧୩. ଜାତୀୟ ପତାକାର ମହତ୍ତ୍ୱ ପ୍ରତିପାଦନ କର ।

୧୪. ଆମେ କିପରି ସ୍ୱାଧୀନତା ପାଇଲୁ ଲେଖ ।

୧୫. ଜାତୀୟ ପତାକାର ମହତ୍ତ୍ୱ ପ୍ରକଟିତ ହେବାରେ ଜାତିର କି ଭୂମିକା ରହିଛି ଲେଖ ।

୧୬. ଜାତୀୟ ପତାକାର ଟେକ ରଖିବା ନିମନ୍ତେ ତୁମର ଅଭିଳାଷ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

୧୭. ଜାତୀୟ ପତାକାକୁ ଆଧାର କରି ଛୋଟ କବିତାଟିଏ ଲେଖ । ତହିଁରେ କେତୋଟି ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହାର କରିବାପାଇଁ ଚେଷ୍ଟା କର ।

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।
ସଇନ, ରାଇଜ, ବରଷ

୧୯. ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।
ମାନ, ରାଜା, ବିଦେଶୀ, ସଂପଦ, ସ୍ୱାଧୀନତା, ଜାତୀୟ

୨୦. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ରଖିବ ଏ ଆମ _______ ଏ _______,

ବଢ଼ାଇବ ଆମ ଜାତିର _______;

କରିବ ନିକର ଦେଖୁ ଦେଶେ ଯାହା,

କରିଅଛି _______ ଜାତି _______ ।

(ଜଗତେ, ସଂସାରେ, ଯଶ, ମାନ, ମର୍ତ୍ତ୍ୟେ, ମନ, ଟେକ, ପତାକା, ବୈରିଖ)

(ଖ) ଯେତେ _______ ଉଡ଼ିବ ଏ ସତେ,

_______ ଆମର ନାଚିବ ଗର୍ବେ ।

(ସରସର, ଫରଫର, ମନ, ପ୍ରାଣ, ହୃଦୟ)

୨୧. ଫରଫର ଗୋଟିଏ ଧ୍ୱନ୍ୟାତ୍ମକ ଶବ୍ଦ, ଏହିପରି ଆଉ ପାଞ୍ଚୋଟି ଧ୍ୱନ୍ୟାତ୍ମକ ଶବ୍ଦ ଲେଖ ।

୨୨. ନିମ୍ନଲିଖିତ ଶବ୍ଦ ପାଇଁ କବିତାରେ ପ୍ରୟୋଗ କରାଯାଇଥିବା ଶବ୍ଦଗୁଡ଼ିକୁ ଲେଖ ।

ପତାକା, ଆକାଶ, ପବନ, ଜାହାଜ

## ତୁମପାଇଁ କାମ :

୨୩. ଗୋଦାବରୀଶ ମିଶ୍ରଙ୍କ କବିତା ସଂଗ୍ରହ କରି ପାଠ କର ।

୨୪. ଆମ ଜାତୀୟ ପତାକା ପ୍ରସ୍ତୁତିର ଇତିହାସ ସଂପର୍କରେ ବିବରଣୀ ସଂଗ୍ରହ କର ।

❖❖❖